Split by PDF Splitter

୫୫୩୪୪୧

REGISTERED No. D. 6.

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା
The Utkal Dipika

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ଅଗ୍ରୀମ ମୂଲ୍ୟ ୬୦ ୧
ପ୍ରତିଖଣ୍ଡ ୫୦ ୧୯

ଭାଗ ୬୨

Cuttack, Saturday, the 17th December 1927
ପୌଷ ୩ ର ତାଇ ୧୩୩୫ ସାଲ ଶନିବାର

୪୯ ଶ ସଂଖ୍ୟା

## ମହାତ୍ମାଗାନ୍ଧୀ

## କାଲି ତା ୧୮ ତିଖ ଦିନ ୨ଟା ୨୦ ମିନିଟରେ କଟକରେ ପହଞ୍ଚିବେ

ତା ୧୯ ରିଖ ମୌନବ୍ରତ

ତା ୨୦ ରିଖ ସକାଳେ ଚମ୍ପାପୁର ହାଟ ଯାଇ ୪ଟା ବେଳକୁ ଫେରି ଆସିବେ

ସେହିଦିନ ୫।୪୫ ରେ କଟକରେ ସାଧାରଣସଭା

ତା ୨୧ ରିଖ ସକାଳେ ଜଗତସିଂହପୁର ଅଲକାଶ୍ରମକୁ ଯାଇ ଅପରାହ୍ନରେ ଫେରଆସିବେ

### ଓଡ଼ିଶା ବନ୍ୟା ପ୍ରତିକାର ସମ୍ବନ୍ଧୀୟ ପ୍ରଶ୍ନାବଳୀ

୧। ଆପଣଙ୍କ ଅଞ୍ଚଳ ଧୋଇଆ କି ନଧୋଇଆ ? ନଧୋଇଆ ହୋଇଥିଲେ କେନାଲବନ୍ଧ ଦ୍ୱାରା ରକ୍ଷିତ ହୋଇଥିବାରୁ ନଧୋଇଆ, ନା ନଈ ନ ଥିବାରୁ ନଧୋଇଆ ?

୨। ଧୋଇଆ ହୋଇଥିଲେ ଆପଣଙ୍କ ଅଞ୍ଚଳରେ କେତେ ମୌଜାରେ ଅନାଜ କେତେ ଜମି ଧୋଇଯାଏ ଅର୍ଥାତ୍ ଆଉ ସର୍ବରେ କେତେ ଧୋଇ ଦ୍ୱାରା ନଷ୍ଟ ହୁଏ। ଆପଣଙ୍କ ଅତ୍ର ଧୋଇଆ ଅଞ୍ଚଳର ସୀମା ନିର୍ଦ୍ଦେଶ କରନ୍ତୁ।

୩। କେତେ ବର୍ଷ ହେଲା ଉକ୍ତ ଅଞ୍ଚଳ ଧୋଇ ଯାଉଛି। ଗଲା ୨୫ ବର୍ଷ ମଧ୍ୟରେ ଆପଣଙ୍କ ଅଞ୍ଚଳରେ କେତେ ଥର ଧୋଇ ଯାଇଛି।

୪। ଆପଣଙ୍କ ଅଞ୍ଚଳ ଧୋଇବାର କାରଣ ଆପଣ କଅଣ ସ୍ଥିର କରୁଅଛନ୍ତି ? କେଉଁ ନଦୀ ଯୋଗେ ଧୋଇ ଯାଏ ? ସେ ନଦୀରୁ କେଉଁ ରାସ୍ତାରେ କପର ପାଣି ଆସି ଫସଲ ନଷ୍ଟ କରେ, ଚିତ୍ର ଦ୍ୱାରା ଦେଖାଇ ବୁଝାଇ ଦିଅନ୍ତୁ। ପୂର୍ବେ ସେହି ନଦୀ ଯୋଗେ ଧୋଇ ଯାଉଥିଲା, ନା ଏବେ କେତେବର୍ଷ ହେଲା ଧୋଇ ଯାଉଛି ? ଗଲା ୨୫।୩୦ ବର୍ଷ ମଧ୍ୟରେ ସେ ନଦୀରେ କିଛି ପରିବର୍ତ୍ତନ ଘଟିଛି କି ?

୫। ଗଲା ୨୫ ବର୍ଷ ମଧ୍ୟରେ ଆପଣଙ୍କ ଅଞ୍ଚଳରେ କେତେଥର ଧୋଇ ହୋଇଛି ? ସେଥି ମଧ୍ୟରେ ଲଗେ ୨ କେତେକ ବର୍ଷ ଧୋଇ ଯାଇଛି।

୬। ନଦୀତଳ ଉଚ୍ଚ ହୋଇ ଯାଉଥିବା ଧୋଇବା କାରଣ ବୋଲି ଆପଣ ମନେକରନ୍ତି ? ତାହା ହୋଇଥିଲେ ଉଚ୍ଚ କାହିଁକି ହେଉଛି ବୋଲି ଆପଣ ଅନୁମାନ କରନ୍ତି ? ଉପରେ ଜଙ୍ଗଲ କଟିବାରୁ ବା ଅନ୍ୟ କୌଣସି କାରଣରୁ ?

୭। ରେଲବନ୍ଧ, କେନାଲବନ୍ଧ, ସଡ଼କ ଅନ୍ୟ କୌଣସି ପ୍ରକାର ବନ୍ଧ ପଡ଼ିବାର ବନ୍ୟାଜଳ ବାହାରିଯିବା ବାଟ ବନ୍ଦ ହୋଇ ଘଇଥିବା ଯୋଗୁଁ ଆପଣଙ୍କ ଅଞ୍ଚଳ ଧୋଇ ଯାଏ କି ?

୮। ଆପଣଙ୍କ ଅଞ୍ଚଳର ରେଲରାସ୍ତା, ସଡ଼କ, ବନ୍ଧ ପ୍ରଭୃତିରେ ଯଥେଷ୍ଟ ପରିମାଣରେ ପୋଲ ବା ଶୁଙ୍ଗ ଅଛି କି ? କେନାଲ ବନ୍ଧରେ ସାଇଫନ ଅର୍ଥାତ୍ ପାଣିବାହାର ଯିବା ପାଇଁ କେତେଲେ ପୋଲ କରାଯାଇଛି କି ?

ଆପଣଙ୍କ ମତରେ ରେଲରାସ୍ତା, କେନାଲବନ୍ଧ, ସଡ଼କ ଆଦିର ସଂଖ୍ୟା ବଢ଼ିଯାଇ ଥିବାରୁ ବନ୍ୟାର ବେଗ ବଢ଼ିଯାଇ ୨ ହେଉଛି କି ?

୯। ଆପଣଙ୍କ ଅଞ୍ଚଳରେ ବନ୍ୟାଜଳ ନିଷ୍କାସନ କିପରି ସୁବିଧା ଅଛି ? ଯଦି ସୁବିଧାରେ ଜଳ ନିଷ୍କାସ ହୋଇ ପାରୁ ନ ଥିବାରୁ ବନ୍ୟା ହେଉଥାଏ ତେବେ କଅଣ କଲେ ସହଜରେ ଜଳ ନିଷ୍କାସ ହୋଇପାରିବ ?

୧୦। ଯେଉଁ ନଦୀଦ୍ୱାରା ଆପଣଙ୍କ ଅଞ୍ଚଳ ଧୋଇ ଯାଉଛି ସେହି ନଦୀ ମୁହାଣ ପୋତି ହୋଇ ପଡ଼ିଛି କି ? ସେପରି ହୋଇଥିଲେ ମୁହାଣ ପିଟାଇ ଦେଲେ ପାଣି ନିଷ୍କାସର ସୁବିଧା ହେବ କି ?

୧୧। କୌଣସି କାଳ ବା ଯୋଗର ଅଥବା ଖାଲକରୁ ମେଲ ହୋଇଥିବା ରାସ୍ତା ବା ଘାଇ ଦ୍ୱାରା ବାଣ୍ଡି ଦେଇ ଆପଣଙ୍କ ଅଞ୍ଚଳର କ୍ଷତି କରୁଅଛି କି ? ନଦୀର ଗଭରେ ବନ୍ଧ ବାନ୍ଧ ଥିବାରୁ ପାଣି ନିଷ୍କାସିରେ ବାଧା ଘଟୁଛି କି ?

୧୨। ଆପଣଙ୍କ ଅଞ୍ଚଳକୁ ବନ୍ୟାରୁ ରକ୍ଷା କରିବା ଲାଗି କି ପ୍ରତିକାର ଦରକାର ବୋଲି ଆପଣ ମନେ କରନ୍ତି ଅର୍ଥାତ୍ କେଉଁଠାରେ ବନ୍ଧ କାଟିଲେ ବା ଏକାବେଳକେ ବନ୍ଧ ଉଠାଇଲେ, କେଉଁଠାରେ ପୋଲ, କେଉଁଠାରେ କାଳ ବା ଯୋଗର ଖୋଳିଲେ ବା ବନ୍ଦ କଲେ ଏବଂ ନଈ ମୁହାଣ ମେଲିଲେ ବା ନଦୀର ଗତି ଫେରାଇଲେ ବା ପାଣି ନିଷ୍କାସ ଲାଗି ନୂଆ ନାଳ କାଟିଲେ ଆପଣଙ୍କ ଅଞ୍ଚଳ ଧୋଇ ଯିବନାହିଁ ?

୧୩। ଯେ ପ୍ରତିକାର କଲେ ଆପଣଙ୍କ ଅଞ୍ଚଳ ଧୋଇରୁ ରକ୍ଷା ପାଇବ ତଦ୍ୱାରା ନିକଟବର୍ତ୍ତୀ ବା ଦୂରବର୍ତ୍ତୀ ଅନ୍ୟକୌଣସି ଅଞ୍ଚଳ ଧୋଇଯିବ କି ? ସେପରି ଆଶଙ୍କା ଥିଲେ ତାହା କେଉଁ ଅଞ୍ଚଳ ? ସେ ଅଞ୍ଚଳର ଅନାଜ ରକବା ବା ଜମିର ପରିମାଣ କେତେ ? ପାରିଲେ ସେ ଅଞ୍ଚଳର ଚତୁଃସୀମା ନିର୍ଦ୍ଦେଶ କରନ୍ତୁ।

୧୪। ଉଭୟ ଅଞ୍ଚଳର କ୍ଷତି ନ ହୋଇ ବନ୍ୟା ବ୍ୟୁତପାତରୁ ରକ୍ଷା ମିଳିବାର ଉପାୟ କିଛି ଆପଣଙ୍କ ଦେଖାଯାଉଥିଲେ ଲେଖନ୍ତୁ।

୧୫। ଆପଣଙ୍କ ଧୋଇଆ ଅଞ୍ଚଳର ପୂର୍ବାପର ଅବସ୍ଥା ବୁଝାଇବା ଲାଗି ତିନୋଟି ନକ୍ସା ଦିଅନ୍ତୁ। ପ୍ରଥମ ନକ୍ସାରେ ଆପଣଙ୍କ ଅଞ୍ଚଳ ପୂର୍ବ ଅବସ୍ଥିତି ଦେଖାନ୍ତୁ—ଅର୍ଥାତ୍ ପୂର୍ବେ ନଦୀର ଗତି କିପରି ଥିଲା, କିପରି ପାଣି ନିଷ୍କାସ ହେଉଥିଲା ଏବଂ ଅନ୍ୟାନ୍ୟ ଅବସ୍ଥା। ଦ୍ୱିତୀୟ ନକ୍ସାରେ ବର୍ତ୍ତମାନ ଅବସ୍ଥିତି ଦେଖାନ୍ତୁ, ଅର୍ଥାତ୍ କି କାରଣରୁ ବର୍ତ୍ତମାନ ଧୋଇଯାଉଛି ତାହା ଦିଅନ୍ତୁ। ତୃତୀୟ ନକ୍ସାରେ ଧୋଇର ପ୍ରତିକାରପାଇଁ ଆପଣ ଯେ ବ୍ୟବସ୍ଥା କରିବାକୁ ଚାହାନ୍ତି ତାହା ଦେଖାନ୍ତୁ।

——

### କେତୋଟି ପ୍ରଶ୍ନ

(୧) କୌଣସି ସବ୍‌ଡିଭିଜନ ନିବାସୀ ହାକିମଙ୍କୁ ତାଙ୍କ ନିଜ ସବ୍‌ଡିଭିଜନରେ ସାଧାରଣତଃ କାର୍ଯ୍ୟ କରିବାକୁ ଦିଆଯାଏ-ନାହିଁ। ଏହାର କିଛି କାରଣ ଅଛି କି ନା ? ଯଦି ଥାଏ ତେବେ କଟକ ପୁରୀ ଓ ବାଲେଶ୍ୱରରେ ଏଥିର ବ୍ୟତିକ୍ରମ ଅଛି କି ? ଯଦି ଥାଏ ତେବେ ଏହାର କାରଣ କେହି କହିପାରିବେ କି ?

(୨) ସ୍କୁଲ ବିଭାଗରେ ସେପରି କିଛି ବ୍ୟତିକ୍ରମ ଅଛି କି ?

(୩) ଏପରି ନିୟମ କାହିଁକି ? ୪ଙ୍କ ସମସ୍ତ ସମସ୍ତରେ ତାହା କପାଳ କରାଯାଏ ନାହିଁ କି ?

——

### କଟକରେ ଅବକାରୀ ଦୋକାନ

ବର୍ତ୍ତମାନ ଅବକାରୀ ଦୋକାନସବୁର ପରିଚାଳନ ନିମନ୍ତେ Sliding system ନାମକ ଗୋଟିଏ ନୂତନ ନିୟମ ବାହାରିଅଛି। ତଦ୍ୱାରା ଅନେକ ସ୍ଥାନୀୟ ଭଦ୍ରସନ୍ତାନଙ୍କୁ ଖାଇବା ଉପାୟର ସୁଯୋଗ ଦିଆଯିବାର ସୁବିଧା ଦିଆଯାଇଅଛି। ନିୟମ ଅନୁସାରେ ଲାଇସେନ୍ସ ଗ୍ରହୀତାମାନେ ନିଜେ ୨ ଦୋକାନ ଜଗି ଦୋକାନ ଚଳାଇବାର କଥା। ଶିକ୍ଷିତ ଏବଂ ଭଦ୍ରବଂଶଜ ବ୍ୟକ୍ତିମାନେ ଏ ପ୍ରକାର ଦୋକାନ ପାଇଲେ ଅବଶ୍ୟ ଅନେକ ଅପବ୍ୟବହାର ସହଜରେ ବନ୍ଦ ହୋଇ ପାରିବ। କଟକ ସହରମଧ୍ୟରେ କେତେକ ଗୁଡ଼ିଏ ଅବକାରୀ ଦୋକାନ ଅଛି ମାତ୍ର ସେ ଗୁଡ଼ିକର ଲାଇସେନ୍ସ ଗ୍ରହୀତା କିଏ ? ଓଡ଼ିଶାରେ କେହି ଶିକ୍ଷିତ ଓ ଭଦ୍ରବଂଶଜ ଯୁବକ ତଦ୍ୱାରା ଉପକୃତ ହେଉଅଛନ୍ତି କି ? ଯଦି ନ ହେଉଥାନ୍ତି ତାହାର କାରଣ କଣ ? ଆମ୍ଭେମାନେ ଯେତେଦୂର ସମ୍ବାଦ ପାଉଅଛୁଁ ଜିଲ୍ଲାର କାହାରିକୁ ଦିଆ ନଯାଇ କେବଳ ବିଦେଶୀୟ କୌଣସି ବ୍ୟକ୍ତିଙ୍କୁ ଏପରି ଭାବରେ ସୁଯୋଗ ଦିଆଯାଇଅଛି ଯେ ସେ ଗୋଟିଏ ନୁହେଁ, ଦୁଇଟି ନୁହେଁ, ଅନେକ ଗୁଡ଼ିଏ ଦୋକାନ ସ୍ୱନାମରେ ଓ ବେନାମିରେ ମାଡ଼ି ବସିଅଛନ୍ତି। ସରକାର କ'ଣ ଏହା ବୁଝିପାରୁନାହାନ୍ତି ? ନା ଏଥିର ଅନ୍ୟ କୌଣସି କୌଶଳ ଅଛି। ଯାହାହେଉ ଆମ୍ଭେମାନେ ଏପ୍ରତି କର୍ତ୍ତୃପକ୍ଷମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ। ଆଶାକରୁଁ କର୍ତ୍ତୃପକ୍ଷମାନେ ଏଥିରେ ମଧ୍ୟ ଓଡ଼ିଆମାନଙ୍କୁ ସ୍ୱନାମୀ ଓ ବେନାମୀ ଅବରେଣ ଦ୍ୱାରା ବଞ୍ଚିତ କରିବେନାହିଁ।

——

Digitized by srujanika@gmail.com

୫୧୨୧୯୧ର ନୋଟିସ ୩୧।୧୨।୨୨

ଇମ୍ପିରିଏଲ ବ୍ୟାଙ୍କ ଅଫ ଇଣ୍ଡିଆ ସେଭିଂସ ବ୍ୟାଙ୍କରେ ଟଙ୍କା ଜମା ରଖିବାର

## ନିୟମାବଳୀ

### ଅମାନତ ରଖିବା ।

ତା ୧ ରିଖ ଜାନୁଆରୀଠାରୁ ତା ୩୧ ରିଖ ଡିସେମ୍ବର ପର୍ଯ୍ୟନ୍ତ ଏକବର୍ଷ ମଧ୍ୟରେ ଉକ୍ତ ସେଭିଂସ ବ୍ୟାଙ୍କରେ ମୋଟ ପାଞ୍ଚହଜାର ଟଙ୍କା ଜମା ଦିଆଯାଇପାରେ । ଦୁଇ ବା ଅଧିକ ବ୍ୟକ୍ତିମାନଙ୍କ ନାମରେ ହିସାବ ଖୋଲାଯାଇ ପାରେ । ତନ୍ମଧ୍ୟରୁ ବା — ତତୋଧିକ ବ୍ୟକ୍ତି ସେମାନଙ୍କ ମଧ୍ୟରୁ ଜୀବିତ ଥିବା ବ୍ୟକ୍ତି ବା ବ୍ୟକ୍ତିମାନେ ତାହା ଟଙ୍କା ଉଠାଇ ନେଇପାରିବେ ।

### ଉଠାଇ ନେବା

ଯେ କୌଣସି ସମୟରେ ଟଙ୍କା ଉଠାଇ ନିଆଯାଇପାରେ କିନ୍ତୁ ସପ୍ତାହ ମଧ୍ୟରେ ଏକାଧିକ ଥର ଉଠାଇ ନିଆଯାଇ ନ ପାରେ ।

ଯେଉଁ ଅମାନତକାରୀମାନେ ହିସାବ ଖୋଲି ହୋଇଥିବା ସହରରେ ବାସ ନ କରନ୍ତି ସେମାନେ ଡାକଦ୍ୱାରା ଟଙ୍କା ଅମାନତ କରି ଓ ଉଠାଇ ନେଇପାରନ୍ତି

ତାହା ଖରଚରେ ବ୍ୟାଙ୍କର ଏକ ଅଫିସରେ ଥିବା ହିସାବ ଉଠାଇ ନେଇ ଅନ୍ୟ ଅଫିସର ହିସାବ କୁ ଚଳାଯାଇପାରେ ।

### ବିଶେଷ ଅମାନତ ସମ୍ବନ୍ଧୀୟ ହିସାବ ।

କୌଣସି ବ୍ୟକ୍ତିଙ୍କ ହିସାବରେ ଦଶହଜାର ପର୍ଯ୍ୟନ୍ତ ଟଙ୍କା ଜମା ହୋଇଗଲେ ସେହି ବ୍ୟକ୍ତି ଅତି ସମସ୍ତ ଟଙ୍କା ବା ତହିଁ ମଧ୍ୟରୁ ଟ ୨୦୦୦୧ ଙ୍କ କମ୍ ଜାହାର କୌଣସି ମୁଦ୍ରାଙ୍କ ସଥା [ ଟ ୪୦୦୦।୨୦୦୦—ଏହି ପ୍ରକାରେ ] ସେହି ହିସାବରୁ ଠାଇ ନେଇ ଏକଥୋକ ବିଶେଷ ସେଭିଂସ ବ୍ୟାଙ୍କ ହିସାବ ଖୋଲିପାରନ୍ତି ଏବଂ ଏହିପ୍ରକାର ୬ ସପ୍ତାହ ଟଙ୍କା ଅଦାୟ ହେବାକୁ ଇଚ୍ଛାକଲେ ଅଦାୟ ତାରିଖର ମାସ ସ ପୂର୍ବରୁ ନୋଟିସ ଦେବାକୁ ହେବ

### ସୁଧ ।

କୌଣସି ସାଧାରଣ ହିସାବରେ ଖଣହଜାର ଟଙ୍କାରୁ ଅଧିକ ମାସର ନ୍ୟୂନତମ ଜମାରେ ବାର୍ଷିକ ଶତକଡ଼ା ଟ ୩୧ ହାରରେ ସୁଧ ଦିଆଯାଏ ଏବଂ ବିଶେଷ ସେଭିଂସ ବ୍ୟାଙ୍କ ହିସାବରେ ଥିବା ମୌଳିକ ଜମା ଟଙ୍କା ଉପରେ ଶତକରେ ବାର୍ଷିକ ଟ ୩୧ ଙ୍କା ହାରରେ ସୁଧ ଦିଆଯିବ ।

ବ୍ୟାଙ୍କ ଅଫିସରେ ଦରଖାସ୍ତ କଲେ ଉକ୍ତ ମାନତ ଦେବ

ତା ୧୨।୧୦।୧୯୨୨ } ଇମ୍ପିରିଏଲ ବ୍ୟାଙ୍କ ଅଫ ଇଣ୍ଡିଆ

କଟକ } ଅଫିସର ଇନଚାର୍ଜ

---


## ଅପୂର୍ବ ସୁଯୋଗ

ବଡ଼ଦିନ ଓ ନୂତନବର୍ଷଯୋଗୁଁ ମୂଲ୍ୟ ହ୍ରାସ ।

ଗୋଟିଏ ରିଷ୍ଟୱାଚ, ଗୋଟିଏ ପକେଟ-ୱାଚ ଓ ଗୋଟିଏ ଟାଇମ୍‌ପିସ ଏକତ୍ର ୮ ଙ୍କା ମାତ୍ର



ଉପରେ ଛପାଯାଇଥିବା ଘଡ଼ି ୩ ଗୋଟିର ମୂଳ ମୂଲ୍ୟ ଟ ୧୦୧ ଙ୍କା, କିନ୍ତୁ ୩ ଗୋଟି ଏକ ନେଲେ ଟ ୮୧ ଙ୍କାରେ ମିଳିବ । ...ରେ ଖୁବ୍ କମ, ଶୀଘ୍ର ମଗାଅ ନଚେତ୍ ...ରେ ନିରାଶ ହେବ, ଅବା ପୃଥକ୍ ମଗାଅ

(୧) ଗୋଲ୍ଡେନ ରିଷ୍ଟୱାଚ ବଣ୍ଡିସାଇଜ, ସୁନ୍ଦର ...ର ସୁଇସ୍ କଳ ଠିକ ସମୟ ରକ୍ଷକ ...ଡ଼ା ଫିତା ଓ ଗୋଟିଏ ଚାବି ମହିତ ପ୍ରସ୍ତୁତ ...ଟ ୪୩୦ (ସୁନାକଲା ଚଉଦଅଣା ମାତ୍ର)

(୨) ନିକେଲ ସିଲଭର ପକେଟ ୱାଚ ...ସୁଇସ କଳ ଠିକ ସମୟ ରକ୍ଷକ ପ୍ରସ୍ତୁତ ଟ ୨୩୦

(୩) ଜର୍ମାନ ତିଆରି ଟାଇମପିସ୍ ...ଆଲାରମ୍‌ର ଠିକ ସମୟ ରକ୍ଷକ ମୂଲ୍ୟ ।

...ପି ଦ୍ୱାରା ମାଲ ପଠାଯାଏ । ପ୍ୟାକିଂ ଓ ...ଖର୍ଚ୍ଚ ସ୍ୱତନ୍ତ୍ର ।

Inland Agency Co

(Dep. U.D.) Shama Charan Dey

Street Calcutat


୧୪ ନୋଟିସ ୧୨।୧୨।୨୨

ଅସନ୍ତା ରବିବାର ତା ୧୮।୧୨।୨୨ ରିଖ ଅପରାହ୍ନ ୨ ଘଣ୍ଟାରୁ ବ୍ୟାରିଷ୍ଟରଙ୍କ ମିଃ ଏମ, ଏସ୍, ଦାସ ସି, ଅଇ, ଇ, ଙ୍କ ଓଡ଼ିଶା ଅଟ ଓଭର୍ସିର ଅର୍ଥର ଭଣ୍ଡାର ଦ୍ୱାର ସମ୍ପତ୍ତିର ଲିଲାମ ଓ ବର୍ତ୍ତମାନ ଉକ୍ତ ମିଃ ଦାସଙ୍କର ବାସସ୍ଥାନ ମୁକାମରେ ନିଲାମ ହେବ । ଯେ ନିଲାମ ଧର-ବା ଚାହାନ୍ତି ସମସ୍ତ ମୂଲ୍ୟ ଏକାଥରେ ଦାଖଲ କରିବାକୁ ପଡ଼ିବ । ଉକ୍ତ ଦିନ ଉଚ୍ଚ ଦାମ ମୂଲ୍ୟ ଦେଲେ ଯାହା ନିଲାମ ହେବ ।

ଶ୍ରୀ ହରିନାରାୟଣ ବସୁ
ସେକ୍ରେଟାରୀ

---

## ନୀଲାମୀ ଇସ୍ତାହାର

କେନ୍ଦ୍ରାପଡ଼ା ମୁନସଫି ଅଦାଲତ

ନ ୯୨୧ ମୂଳ ଡିକ୍ରିଜାରି ସନ ୧୯୨୨ ମସିହା

କାଶୀନାଥ କରଣ — ଡିକ୍ରିଦାର

ଲକ୍ଷ୍ମୀଧର ଜେନା — ଦେଣଦାର

ନିଲାମ ତାରିଖ ୧୨-୧-୨୮

୧ । କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ପୁଲିସ ଓ ସବ ରେଜିଷ୍ଟ୍ରାରୀ ଥାନା ଏସ୍ଟେଟ ଗାଁ ... ଖାତା ... ଗୋବିନ୍ଦ ମୌଜା ... ଜଳାଦି କେବଳ ଦେଣଦାରଙ୍କ ସ୍ୱତ୍ୱ ... ଖାତା ୧୨-୮୯ ... ଜମି ଜମା ଟ ୩୪୦ ସହିତ ନିଲାମ ହେବ ଅନ୍ଦାଜ ମୂଲ୍ୟ ଟ ୨୦ ଙ୍କା

୨ । ଉକ୍ତ ଅଦାଲତର ଇଲାକାଧୀନ ... ମୌଜା ... ଥିବା ଖା ୨୩୧ ମୂଳ ... ଦାଗ ୧୦— ୩୮ ... ଜମିର ଜମା ଟ ୨୪୨ ସହିତ ଦେଣଦାରଙ୍କ ... ଅଟେ ନିଲାମ ହେବ ଅନ୍ଦାଜ ମୂଲ୍ୟ ଟ ୩୦ ଙ୍କା

Split by PDF Splitter

Digitized by srujanika@gmail.com

# ଆୟୁର୍ବେଦୀୟ ଗୃହଚିକିତ୍ସା

ପ୍ରଥମଭାଗ—ଏହିପୁସ୍ତକ ଓଡ଼ିଆଅକ୍ଷରରେ ଛପାହୋଇ ଥିବାରୁ ଓଡ଼ିଶାରେ ବିଶେଷ ଆଦର ହେବା ଦେଖି ଆମ୍ଭେ ନିଜକୁ କୃତାର୍ଥ ମନେ କରୁଅଛୁଁ । ଉକ୍ତ ପୁସ୍ତକ ଯାହା ଘରେ ଥିବ ତାଙ୍କ ଘର କଥାରେ ଡାକ୍ତର କମ୍ବା ବୈଦ୍ୟ ଡାକିବାକୁ ହେବନାହିଁ, କାରଣ ଏହାର ଉଦରାବରେ ପ୍ରଥମଭାଗରେ ରୋଗର ନିଦାନ, ସ୍ୱାସ୍ଥ୍ୟବିଧି, ନାଡ଼ୀ, ନେତ୍ର, ମଳ, ମୂତ୍ର, ଜିହ୍ୱା ଆଦି ପରୀକ୍ଷା ଦ୍ୱାରା ରୋଗନିର୍ଣ୍ଣୟ, ରୋଗର ସାଧ୍ୟାସାଧ୍ୟ ଲକ୍ଷଣ, ଉତ୍ପତ୍ତି, ପ୍ରୟୋଗ, ଚିକିତ୍ସା, ଔଷଧ, ପଥ୍ୟାପଥ୍ୟ ବ୍ୟବସ୍ଥା ଜାଣିପାରିବେ । ମୂଲ୍ୟ ଟ ° ୧୵ ମାସୁଲ ଟ ° ।୵

ଦ୍ୱିତୀୟଭାଗ—ଏହିଭାଗରେ ଔଷଧରନ୍ଧନ, ସଂସ୍କୃତଶ୍ଳୋକ ଓ ତାହାର ଅନୁବାଦ, ଦ୍ରବ୍ୟଗୁଣ ସମସ୍ତ ଧାତୁର ଶୋଧନ, ଜାରଣ, ମାରଣ ତୈଳ ଓ ଘୃତାଦିର ପାକବିଧି ଶାସ୍ତ୍ରୀୟ ଔଷଧମାନ, [ମୋଦକ, ଚୂର୍ଣ୍ଣ, ବଟିକା ଆସବ ଓ ଅରିଷ୍ଟ] ପ୍ରଭୃତିର ପ୍ରସ୍ତୁତପ୍ରଣାଳୀ, ସକଳଭାଷାରେ ଲେଖାହୋଇଅଛି, ଓ ବ୍ୟବସ୍ଥା ଓ ଅନୁପାନ ବିଶେଷରେ ସର୍ବରୋଗରେ ଏବଂ ଚାର୍ଯ୍ୟକାରିତା ଶକ୍ତିମାନ ବିଶଦ ଭାବେ ବର୍ଣ୍ଣିତ ହୋଇଅଛି । ମୂଲ୍ୟ ଟ ° ୧୲ ମାସୁଲ ଟ ° ।୵

ତୃତୀୟଭାଗ—ଏହିଭାଗରେ ନରଦେହ ତତ୍ତ୍ୱ ( ସ୍ନାୟୁ, ଜୀବକୋଷ, ମୃତ୍ୟୁ ଅସ୍ଥି ଦନ୍ତ, ନର କଙ୍କାଳ, ଅସ୍ଥିସମୂହର ଉପକାର ଭେଦ, ପେଶୀସମୂହ, ସ୍ନାୟୁ, ମସ୍ତିଷ୍କ ଗଠନ, ଚର୍ମ ମଳ ଶୋଣିତ, ସ୍ତ୍ରୀପୁରୁଷ ଭେଦ, ନାଡ଼ୀ, ହୃତ୍‌ପିଣ୍ଡ ଧମନୀ; ଫୁସଫୁସ, ଶ୍ୱାସକ୍ରିୟା ଧାତ୍ରୀ ଶିକ୍ଷା ଧାତ୍ରୀବିଦ୍ୟା, ସ୍ତ୍ରୀବସ୍ତି; ଜନନେନ୍ଦ୍ରିୟ, ଶୁକ୍ରକୋଷ, ଯୋନି, ମୂତ୍ରାଶୟ, ଗର୍ଭ; ଗର୍ଭାଧାନ ପୁତ୍ରକନ୍ୟା ଉତ୍ପତ୍ତି ସନ୍ତାନ, ନପୁଂସକାଦି, ନାଭିଛେଦ ଗର୍ଭରକ୍ଷା ଓ ଲକ୍ଷଣାବଳୀ ୫୦ ଖଣ୍ଡ ଛବି ସହ ମାତୃଭାଷାରେ ବର୍ଣ୍ଣିତ ଅଛି । ମୂଲ୍ୟ ଟ ୧। ମାସୁଲ ଟ ° ।୵

ଶ୍ରୀ ଜନାର୍ଦ୍ଦନଙ୍କ ଦ୍ୱାରା କୃତ—




ଘନିଷ୍ଠପରିଶ୍ରମ ଓ ୧୨ବର୍ଷ ଦ୍ୱାରା ପୁସ୍ତକଖଣ୍ଡି ଓଡ଼ିଆଭାଷାରେ ପ୍ରସ୍ତୁତକଲୁଁ, ଫଳତଃ ମାନବର ଜୀବନ ସମ୍ପର୍କୀ ଜୀବନରକ୍ଷା ବିଧାନ କରଣ ଉପସ୍ଥିତ କାଳଯାଏ ଦେଶୀ ଓ ବିଦେଶୀ ଚିକିତ୍ସା ଯେ ସବୁ ଗବେଷଣା ଓ ବ୍ୟବସ୍ଥା କରିଅଛନ୍ତି ଅମ୍ଭେ ଯଥାସାଧ୍ୟ ତାହା ସଙ୍କଳିତ କରି ହୋମିଓପ୍ୟାଥିକ; ଡାକ୍ତରୀ ଆଲୋପାଥିକ ଓ ବେଲ; ତାସ ଏବେ ପ୍ରଚଳିତ ହୋମିଓପ୍ୟାଥିକ ଗ୍ରନ୍ଥକାରଗଣଙ୍କ ମତାବଲମ୍ବନରେ ବହୁକାଳ ପରୀକ୍ଷିତ ପୁସ୍ତକଖଣ୍ଡିକ ସଙ୍କଳିତ ହେଲା, ପାଶ୍ଚାତ୍ୟ ଅଧ୍ୟାପକ ଅଧ୍ୟବସାୟ ଓ ଅଭିଜ୍ଞତା ଦ୍ୱାରା ଜନଶୁଦ୍ଧ ଯେଉଁସବୁ କ୍ରିୟା ତତ୍ତ୍ୱ ଅବଗତ କରୁଅଛନ୍ତି ଏଥିରେ ତାହା ଆଲୋଚିତ ଓ ହୋଇଅଛି ତଦ୍‌ବ୍ୟତୀତ ଦେଶୀୟ ଅଭିଜ୍ଞ ବହୁଦର୍ଶୀ ଚିକିତ୍ସକ ଓ ଇଂରାଜ ଡାକ୍ତର ମାନଙ୍କର ବ୍ୟବହୃତ ବ୍ୟବସ୍ଥାଦିସବୁ ସନ୍ନିବେଶିତ ହୋଇଅଛି । ଛାତ୍ର ସ୍ୱାସ୍ଥ୍ୟାର୍ଥୀ ଓ ବ୍ୟବସାୟୀମାନେ ଏ ସୁବିଧା ତ୍ୟାଗ କରନ୍ତୁ ନାହିଁ । ମୂଲ୍ୟ ୨୲ ମାସୁଲ ଟ ° ।୵ ଶ୍ରୀ ଜନାର୍ଦ୍ଦନ ଭଞ୍ଜଙ୍କ କୃତ—

# କୋକ ଶାସ୍ତ୍ର ବା ଆଦିଶାସ୍ତ୍ର

—*ମହର୍ଷି ଗୌତମଙ୍କ ବିରଚିତ *— ପୃଥିବୀରେ କୌଣସି ଶାସ୍ତ୍ରରେ ଏପରି ଭାବରେ ସ୍ତ୍ରୀ ଓ ପୁରୁଷଙ୍କର ଯାବତୀୟ ଗୁପ୍ତବିଷୟ ବର୍ଣ୍ଣିତ ପୁସ୍ତକ ନାହିଁ । ଏହି ପୁସ୍ତକରେ ଚିତ୍ରସହ ସ୍ତ୍ରୀଜାତି ଓ ପୁରୁଷର ଗଠନ, ଲକ୍ଷଣ; ଚନ୍ଦ୍ର ମିଳନ ଋତୁ, ସହବାସ; କେଉଁ ସ୍ତ୍ରୀର କେଉଁ ଶଯ୍ୟା, କେଉଁ ସ୍ତ୍ରୀ ଉପରେ ସନ୍ତୁଷ୍ଟ ହୁଏ ଇତ୍ୟାଦି ବିଷୟମାନ ବର୍ଣ୍ଣିତ ହୋଇଅଛି । ଏହାଛଡ଼ା ସ୍ତ୍ରୀ ପୁରୁଷଙ୍କର ହସ୍ତ ପଦ ମୁଖ ଏବଂ ଶରୀରର କେଉଁଠାରେ, କିପରି ଚିହ୍ନଥିଲେ ତାହାର ସ୍ୱଭାବ କିପରି; ସ୍ତ୍ରୀ ଛଅ ପଦ୍ମିନୀ ଚିତ୍ରିଣୀ ଶଙ୍ଖିନୀ ହସ୍ତିନୀ କୁଳଟା ବା ସ୍ୱାର୍ଥୀ ପ୍ରେମିକ ଓ ବିଳାସୀ ପ୍ରଭୃତି ନାନା ବିଷୟ ବର୍ଣ୍ଣିତ ଅଛି । ମୂଲ୍ୟ ପ୍ରତି ଖଣ୍ଡ ଟ ° ୧ ମାସୁଲ ଟ ° ।୵

ଶ୍ରୀ ଜନାର୍ଦ୍ଦନ ଭଞ୍ଜଙ୍କ କୃତ—

# କାମାଖ୍ୟା ତନ୍ତ୍ର ବା ବଶୀକରଣ ତନ୍ତ୍ର

ଏଥି ମହେନ୍ଦ୍ରାଦି ଓ ଅସ୍ତ୍ରଲ ତନ୍ତ୍ର ମାଲିକଗ୍ରହଣ ବିଧି; ସର୍ବଜନବଶୀକରଣ, ପତି ବଶୀକରଣ, ଦୁଷ୍ଟା ସ୍ତ୍ରୀ ବଶୀକରଣ; ପତି ବଶୀକରଣ, ଆକର୍ଷଣ ପ୍ରକରଣ, ଚୌର୍ଯ୍ୟ ସନ୍ଧାନ ଦେହରଞ୍ଜନ, ଶବ୍ଦ ମୁଖସ୍ତମ୍ଭନ, ଅଗ୍ନିସ୍ତମ୍ଭନ; ବଳାଧାନ, ନଷ୍ଟପୁଷ୍ପ ପୁଣି କରଣ, ଭୂତ ପ୍ରେତ ନିବାରଣ, ଦୁର୍ଭିକ୍ଷ ନିବାରଣ; ସର୍ବକଷ୍ଟ ନିବାରଣ; ଉଚ୍ଚାଟନ ବିଧାନ, ବ୍ୟାଧିବର୍ଜନ ଓ ନିବାରଣ, ମାରଣ ସ୍ତମ୍ଭନ, ଜାନାସିଦ୍ଧି, ଧନଧାନ୍ୟ ଅଭିପ୍ରାୟ ପ୍ରକରଣ, ବିଦ୍ୱେଷଣ ଆଦି କ୍ରିୟାସାଧନ ବିଷୟମାନ ଏହା ମଧ୍ୟରେ ଲିଖିତ ଅଛି । ଏହି ଗ୍ରନ୍ଥର ମୂଲ୍ୟ ଟ ° ୧୵

ଧନ୍ୱନ୍ତରୀ ରାଜବୈଦ୍ୟ ଶ୍ରୀ ଜନାର୍ଦ୍ଦନ ଭଞ୍ଜ

ଗ୍ରାଃ କୁମ୍ଭାରହୋଲ, ଓଡ଼ିଶାପୂର୍ବ ପୋଃଅଃ ହାଟଗୋଲ, ବାଲେଶ୍ୱର ।

କଟକ ଦରଗାବଜାର ଶ୍ରୀ ବି· ଡମ୍ବରୁ ଇମ୍ପେରିଆଲ ଯନ୍ତ୍ରାଳୟରେ ଶ୍ରୀ ଶ

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED No. D. 6.

451 449

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା
The Utkal Dipika

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

{ ବାର୍ଷିକ ଅଗ୍ରୀମ ମୂଲ୍ୟ ୫॥୦ ୯
{ ପ୍ରତିଖଣ୍ଡ ୫୦ ୯

ଭାଗ ୬୨ ଗ

Cuttack, Saturday, the 24th December 1927
ପୌଷ ୯ ୧୦ ନ ସନ ୧୩୩୫ ସାଲ ଶନିବାର

୫୦ ଶ ସଂଖ୍ୟା

## କଟକରେ ଶ୍ରୀଯୁକ୍ତ ଗ୍ରାହାମ୍‌ଙ୍କ ବକ୍ତୃତା

କଟକକୁ ଜନ୍ ୱିଲିୟମ ଗ୍ରାହାମ୍ ଏମ୍, ଏ, ଆସିଅଛନ୍ତି । ସେ ଜଣେ ବିଖ୍ୟାତ ଲୋକ । ସେ ଏଥିପୂର୍ବରୁ ଗ୍ଲାସ୍‌ଗୋ ହଲ ଅପ୍‌ରେସିଡେନ୍‌ସିର ପ୍ରିନ୍ସିପାଲ ମାଞ୍ଚେଷ୍ଟର ୟୁନିଭର୍ସିଟି, ଏବଂ ୧୮୯୭ରୁ ୧୯୨୪ ପର୍ଯ୍ୟନ୍ତ ଅଙ୍କ ଓ ଇନ୍‌ଜିନିୟର ବିଷୟରେ ଶିକ୍ଷକ ଥିଲେ । ଅନେକ ବର୍ଷପାଇଁ ଇଂଲଣ୍ଡ ଲଣ୍ଡନର ୟୁନିଭର୍ସିଟି ଏକ୍‌ସଟେନ୍‌ସନ ଲେକ୍‌ଚରର ଥିଲେ । ୧୯୨୪-୨୫ରେ ଶାନ୍ତି ଓ ସମାଜ ବିଷୟରେ ଜଣେ ବକ୍ତା, ୱର୍ଲ୍‌ଡ ବୋର୍ଡ-ଅବ୍ ଷ୍ଟଡିଜ୍ ସବ୍‌ଜେକ୍ଟ ସମ୍ବନ୍ଧରେ ସେମେ ଓଲେକ୍‌ଚରର୍, ବର୍ଣ୍ଣିଂହାମ୍‌ରେ ଥିଲେ । ଏହାପରେ କାର୍ଯ୍ୟକର ସେ ବିଶେଷ ସୁଖ୍ୟାତି ଲାଭ କରିଅଛନ୍ତି । ସେ "The desturction of daylight", "Evolution and Empire" "The divinity in man" ପ୍ରଭୃତି ଅନେକ ଗୁଡ଼ିଏ ଉପାଦେୟ ଓ ସ୍ମରଣୀୟ ପୁସ୍ତକ ପ୍ରଣୟନ କରିଅଛନ୍ତି । ସେ ... କଲେଜରେ ସନ୍ଧ୍ୟା ୭ଟା ବେଳେ ବକ୍ତୃତା, ... ତାରିଖ ସୋମବାର ଦିନ ୪-୩୦ରେ ... ବାବୁ ଜନଦାସଙ୍କ ଗୃହଠାକୁ ନିମନ୍ତ୍ରଣ, ସନ୍ଧ୍ୟା ୭.୩୦ ମିନିଟରେ ଟାଉନହଲରେ "The indwelling God" (ଅନ୍ତର୍ବାସୀ ଈଶ୍ୱର) ସମ୍ବନ୍ଧରେ ଓ ୩ ତାରିଖ ମଙ୍ଗଳବାର ସନ୍ଧ୍ୟା ୬-୩୦ ବାପ୍ଟିଷ୍ଟ ଚର୍ଚ୍ଚରେ "Teaching and person of Christ", ୪ ତାରିଖ ସନ୍ଧ୍ୟା ୬ଟା ବେଳେ କଲେଜ ଲାଇବ୍ରେରୀରେ "Symbolism in Religion" ସମ୍ବନ୍ଧରେ ବକ୍ତୃତାମାନ ଦେବେ । ତାଙ୍କ ବକ୍ତୃତା ଗୁଡ଼ିକ ଅତ୍ୟନ୍ତ ଉପାଦେୟ ଓ ଏଥିରେ ଅନେକ ଶିକ୍ଷଣୀୟ ବିଷୟ ଅଛି । ଆଶାକରୁ ସର୍ବସାଧାରଣ ଉକ୍ତ ବକ୍ତୃତା ମାନଙ୍କରେ ଯୋଗ ଦେବାକୁ କୁଣ୍ଠିତ ହେବେନାହିଁ ।

—*—

## ଖୋର୍ଦ୍ଧା କୋ-ଅପରେଟିଭ ବ୍ୟାଙ୍କ ବାର୍ଷିକ ଅଧିବେଶନ

ଖୋର୍ଦ୍ଧା କୋ-ଅପରେଟିଭ ବ୍ୟାଙ୍କର ଗତ ତା ୨୧ ଋଖ ଦିନ ସେଠାରେ ହାଇ-ସ୍କୁଲ ହଲ୍‌ରେ ବାର୍ଷିକ ଅଧିବେଶନ ହୋଇ-ଥିଲା । ଉକ୍ତ ଅଧିବେଶନରେ କୋ ଅପରେଟିଭ ଡେପୁଟି ରେଜିଷ୍ଟ୍ରାର ଏବଂ ଅନ୍ୟାନ୍ୟ ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ମଧ୍ୟରୁ ବାବୁ ଜଗନ୍ନାଥ ଚରଣ ପଟ୍ଟନାୟକ, ସ୍ଥାନୀୟ ଭଦ୍ର-ବ୍ୟକ୍ତିମାନେ, ସଦର ଓ ମଫସଲର ଡାଇରେ-କ୍ଟର ମାନେ ଓ ମେମ୍ବର ଉପସ୍ଥିତ ହୋଇ ଥିଲେ । କାର୍ଯ୍ୟବିବରଣୀ ପରେ ପ୍ରକାଶ କରିବୁ ।

—*—

## ମହାତ୍ମାଜୀଙ୍କ ବାଣୀ

ଭାଇମାନେ,

ମୋର ଅସୁସ୍ଥତା ହେତୁ ଆପଣମାନଙ୍କୁ କୌଣସି ପ୍ରକାର କଥା କହିବାକୁ ମୋତେ ଡାକ୍ତରମାନେ ବାରଣ କରିଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ । ଆପଣମାନେ ମୋତେ ଏତେ ଯେଉଁ ଅଭିନନ୍ଦନପତ୍ରମାନ ଦେଇଅଛନ୍ତି ତାହା ଆପଣମାନଙ୍କର ଅନୁଗ୍ରହ ବୋଲି ମୁଁ ମନେ କରେ । ଉତ୍କଳର ଦରିଦ୍ରତା ମୁଁ କେତେକ ପରିମାଣରେ ଜାଣେ । ଆପଣମାନଙ୍କ ସାହାଯ୍ୟ ବ୍ୟତୀତ ଏ ଦରିଦ୍ରତା ଦୂର ହୋଇ ନ ପାରେ । ଆପଣମାନେ ଖଦଡ ପିନ୍ଧନ୍ତୁ, ସୂତା କାଟନ୍ତୁ, ଓ ଖଦଡ ଟ୍ରଷ୍ଟର ପାଇଁ ଅନ୍ୟ ଯେ ପ୍ରକାର ସାହାଯ୍ୟ ଆବଶ୍ୟକ ତାହା କରନ୍ତୁ । ଉତ୍କଳ ଦେଶରେ ଅସ୍ପୃଶ୍ୟତା ରହିବା ଉଚିତ ନୁହେଁ । ଆପଣମାନେ ଏ ଦୋଷ ନିବାରଣ କରନ୍ତୁ । ଉତ୍କଳରେ ଅନେକ ଲୋକ ଅଫିମ ଖାଉଛନ୍ତି । ତାହା ମଧ୍ୟ ବର୍ଜନ କରନ୍ତୁ । ଭଗବାନ ଉତ୍କଳ ଦେଶର ମଙ୍ଗଳ କରନ୍ତୁ ।

## ଫୌଜଦାରୀ କୋର୍ଟରେ ହାକିମଙ୍କ ବିଚାର

କଟକରେ ଫୌଜଦାରୀ କୋର୍ଟରେ ଜଣେ ହାକିମ ଅଛନ୍ତି । ସର୍ବ ସାଧାରଣଙ୍କର ଧାରଣା ମାମଲା ଗୋଟିଏ ତାଙ୍କ ନିକଟ ଗଲେ ଦଣ୍ଡ ଅଛାର ସୁନିଶ୍ଚିତ । ବିଚାର ପୂର୍ବରୁ ଆସାମୀ ସ୍ଥିର ବୁଝିପାରେ ଯେ ତାହାର ଦଣ୍ଡ ହୋଇ ସାରିଲାଣି । ମୁଦ୍ଦେଇମାନଙ୍କର ବିଶ-ଦର ଚେଷ୍ଟା ଉପର ମାମଲାଟି ତାଙ୍କ ଅଦା-ଲତକୁ ଯାଉ । ମୁଦ୍ଦାଲାର ଚେଷ୍ଟା ଉପରେ ତାଙ୍କ ଅଦାଲତକୁ ନଯାଉ । ଏପରି ବିଶ୍ୱାସ ହେବା ଅବଶ୍ୟ ଜଣେ ବିଚାରପତିଙ୍କ ପକ୍ଷରେ କଦାଚ ଶୋଭନୀୟ ନୁହେଁ । ଗୋଟିଏ ଅପିଲ ମୋକଦ୍ଦମାରେ ଶ୍ରୀଯୁକ୍ତ ଜଜ୍ ସାହେବ ତାଙ୍କ ବିଚାର ସମ୍ବନ୍ଧେ ରାୟରେ ଯାହା ମତ ପ୍ରକାଶ କରିଅଛନ୍ତି ତାହା ପ୍ରକାଶଯୋଗ୍ୟ ମନେକରି ନିମ୍ନରେ ପ୍ରକାଶ କଲୁ । ତାହାପାଠକଲେ ଲୋକମାନଙ୍କର ଧାରଣା ନିତାନ୍ତ ଅମୂଳକ ନୁହେଁ ବୋଲି ସହଜରେ ବୁଝାଯାଏ । ବିଚାର ଭାର ଏପରି ବ୍ୟକ୍ତିଙ୍କ ହସ୍ତରେ ନ୍ୟସ୍ତ ହେବା କଦାଚ ବାଞ୍ଛନୀୟ ନୁହେଁ । ବିଚାରପତିଙ୍କ ପ୍ରତି ପକ୍ଷ ମାନଙ୍କର ଏପରି ଧାରଣା ଥିଲେ ତଦ୍ୱାରା ନ୍ୟାୟବିଚାରର ଅମର୍ଯ୍ୟାଦା ହୁଏ ।

"This case has given me considerable trouble and I have not found that assistance in the judgment of the learned magistrate which, I think, I was entitled to expect. I would earnestly enjoin upon this particular magistrate the necessity of considering all the features, circumstances and general probabilities of a case before he makes of his mind to accept the evidence which, as I must add once more at the risk of reputation that in these riot cases is generally of a partisan nature and to be accepted with caution and continually checked by the crieterion of probabilities".

—

## କଂଗ୍ରେସ ମଣ୍ଡପ

ବିଗତ ରବିବାର ଦିନ ଅବିଶ୍ରାନ୍ତ ବୃଷ୍ଟି ହେବା ଫଳରେ କର୍ମୀମାନଂକ ମଧ୍ୟରେ ଗହଳ ପଡ଼ିଥିଲା । କଂଗ୍ରେସ ମଣ୍ଡପଟି ନିମ୍ନରେ ତିଆର ହୋଇଅଛି, କଂଗ୍ରେସ ସପ୍ତାହରେ ଯେବେ ବର୍ଷା ହେବ ତାହେଲେ ଜଳ ବାହାର କରିବା ନିମନ୍ତେ ଇଞ୍ଜିନ ଏବଂ ପମ୍ପ ଆବଶ୍ୟକ ପଡ଼ିବ ବୋଲି ଇଞ୍ଜିନିୟର ମାନଂକ ମତ ଗତବର୍ଷ ଦେଇଅଛନ୍ତି । ଆସାମଠାରେ ଏପରି ବର୍ଷା ହେବାରୁ ଦର୍ଶକମାନେ ବଡ଼ ଅସୁବିଧା ଭୋଗିଥିଲେ । ଶେଷରେ ରେଲଗାଡ଼ିର ଆଶ୍ରୟ ନେବାକୁ ବାଧ୍ୟ ହୋଇ ଥିଲେ ।

କଂଗ୍ରେସ ନଗରର କାର୍ଯ୍ୟ ଶେଷ ପାଇଅଛି । ପ୍ରାୟ ୩ ମାଇଲ ବ୍ୟାପି ନଗର ତିଆର ହୋଇଅଛି, କେତେ ଗୋଟିର ରାସ୍ତାର ନାମ:—

ଶ୍ରୀନିବାସ ଦାଳ, ତିଲକସ୍ମୃତି ଷ୍ଟ୍ରିଟ, ଦେଶାନ୍ତ ଷ୍ଟ୍ରିଟ, ସଚ୍ଚିଦାନନ୍ଦ ଷ୍ଟ୍ରିଟ, ମାଲବ୍ୟ-ମଇଦାନ, ଆନସର ଏଭିନ୍ୟୁ, ଗାନ୍ଧିସ୍କ୍ୱାୟର, ଆଲିଷ୍ଟ୍ରିଟ, ଦେଶବନ୍ଧୁ ଏନକ୍ଲୋଜର, ଅଜମଲଖାଁଷ୍ଟ୍ରିଟ ଓ ନେହୃର ଷ୍ଟ୍ରିଟ ।

—*—

୧୯୨୮ ମସିହା କଂଗ୍ରେସ କେଉଁ ସ୍ଥାନକୁ ଆସିବା ଉଚିତ ? ଏ ବିଷୟ ଭାବିବାକୁ ଗଲେ ବହୁତ ସମୟ ଲାଗୁନାହିଁ । କାରଣ ଏ 'ଭାରତଜାତୀୟ ମହାସଭା' ଆଜକୁ ପ୍ରାୟ ୩୦।୪୦ ବର୍ଷ ହେଲା ଭାରତ ବର୍ଷର ନାନା ପ୍ରଦେଶରେ ଓ ପ୍ରଧାନ ପ୍ରଧାନ ସହର ମାନଙ୍କରେ ବସି ଆସିଲାଣି । ପ୍ରତେକ ପ୍ରଦେଶର ଲୋକ ମାନେ ଭାରତ ଜାତୀୟ ମହାସଭା କଣ ଓ ତଦ୍ୱାରା କି କାର୍ଯ୍ୟହୁଏ ବୁଝିଲେଣି, କିନ୍ତୁ ଉତ୍କଳବାସୀ ତାକୁ ଚିହ୍ନି ନଥିଲେ, ଉତ୍କଳବାସୀଙ୍କର ସେଠାରେ ମଧ୍ୟସ୍ଥାନ ନଥିଲା । ଉତ୍କଳ ବୋଲି ଗୋଟିଏ ପ୍ରଦେଶ ଅଛି ବା ଜାତି ଅଛନ୍ତି ଭାରତଜାତୀୟ ମହାସଭା ଜାଣି ନଥିଲା । (୧୯୨୧ ମସିହାରେ ଭାରତରେ ଯେତେବେଳେ ମହାତ୍ମାଗାନ୍ଧିଙ୍କ ଶାନ୍ତିପୂର୍ଣ୍ଣ ଅସହ-ଯୋଗବାଣୀ ଭାରତ ଜାତୀୟ ମହାସଭା ଗ୍ରହଣ କରେ (ସେହି ସମୟରେ ଉତ୍କଳରତ୍ନ ପଣ୍ଡିତ ଗୋପବନ୍ଧୁ ଦାସ ଓ ତାଙ୍କ ସହକର୍ମୀ କେତେଜଣ ପ୍ରବିଷ୍ଟହେଲେ ଓ ଭାରତଜାତୀୟ ମହାସଭାରେ ଉତ୍କଳ ବୋଲି ଗୋଟିଏ ପ୍ରଦେଶ ଓ ଜାତି ଅଛି ବୋଲି ପରିଚୟ କରାଇ ତାହାର ସ୍ୱତନ୍ତ୍ର ଆସନ ପାଇବାର ହକଦାର ବୋଲି ଭାରତ ଜାତୀୟ ମହାସଭାକୁ ଜଣାଇଲେ)। ଭାରତଜାତୀୟ ମହାସଭା ମଧ୍ୟ ନିର୍ଦ୍ଦିଷ୍ଟ ଭାବେ ଉତ୍କଳ ବାସୀଙ୍କ ସ୍ଥାନଦେଲା ଓ ଉତ୍କଳୀୟ ମାନଙ୍କ ସମସ୍ତ ଅଭିଷ୍ଟ ପୂର୍ଣ୍ଣ-କରିଅଛି । ତେବେ ଭାରତ ଜାତୀୟ ମହାସଭା ଭାରତର ପ୍ରତ୍ୟେକ ପ୍ରଦେଶ ଓ ସହର-ମାନଙ୍କରେ ବସିଯାଇ ଥିବା ସତ୍ତ୍ୱେ ଉତ୍କଳ ପ୍ରଦେଶରେ ଥରେ ବସି ନଥିବା ଏହାଙ୍କ ଗ-ପକ୍ଷରେ ମାନନୀୟ ବିଷୟ ନୁହେ କି ? ଏଣୁ ମୁଁ କହେଁ ଉତ୍କଳୀୟ ଭାଇମାନେ ଉତ୍କଳ ଗଡ଼ଜାତ, ବନ୍ୟା ବାତ୍ୟାରେ ସନ୍ତୁଷ୍ଟ ମେଲେରିଆ ଲୋକଙ୍କର ଅସ୍ଥିକଙ୍କାଳ ମାତ୍ର ରଖିଅଛି ଇତ୍ୟାଦି ହାହା ନଦେଇ ମାନ୍ଦ୍ରାଜ କଂଗ୍ରେସକୁ ଯାଉଥିବା ଉତ୍କଳୀୟ ପ୍ରତିନିଧି-ମାନେ ଯେପରି ୧୯୨୮ ମସିହାର କଂଗ୍ରେସ ଉତ୍କଳକୁ ଆଣେ ତହିଁର ଯତ୍ନକରନ୍ତୁ । ଏଥି ନିମନ୍ତେ ସମସ୍ତ ଉତ୍କଳୀୟ ଭାଇ ଏକମତ ହୋଇ ଜଣାନ୍ତୁ ।

ଜଣେଉତ୍କଳୀୟ
ସୂଚକ

—*—

Digitized by srujanika@gmail.com

129 31-12-27

# Imperial Bank of India

Bankers to the Government of India.

Authorised Capital --- --- Rs. 11,25,00,000
Paid up Capital --- --- Rs. 5,62,50,000
Reserve Fund --- --- Rs. 4,92,50,000
Reserve Liability of Shareholders Rs. 5,62,50,000

Branches in all principal Towns of India, Burma and Ceylon. Current Accounts opened free of charge. Fixed Deposits received at 3% P. A. interest. Savings Bank. Small sums received at interest ;—

PRESENT RATE 3 P. A.

GOVERNMENT AND OTHER SECURITIES received for safe custody. Purchases and sales effected. Interest and dividends collected and credied to account or remitted according to instructions.

DRAFTS AND TELEGRAPHIC TRANSFERS issued.

LOANS granted on approved security and all general bankin business transacted.

Rates and rules on pplication to the Officer-in-charge

CUTTACK BRANCH,
Situated Collectorate Buildings

ନ ୨୩ ତା ୧୪--୩-୨୮

ଡାକ୍ତର ଶ୍ରୀ କୁମୁଦାନନ୍ଦ ରାଉତଙ୍କ
ଅଦ୍ଭୁତ
ସର୍ବପ୍ରକାର ଜ୍ୱରର ପରୀକ୍ଷିତ ମହୌଷଧ

## ସୁଧାସାର

ଯନ୍ତ୍ର ଦ୍ୱାରା ରୋଗୀ ସେବନ କର ଅରୋଗ୍ୟ ଲାଭ କରୁଅଛନ୍ତି । ଏହି ଅମୂଲ୍ୟ ଔଷଧ ତିନମାତ୍ରା ମାତ୍ର ସେବନ କଲେ ମେଲେରିଆ, ପାଳି, ଯାଳଜ୍ୱର ଓ ସର୍ବପ୍ରକାର ଜ୍ୱର ଆରୋଗ୍ୟ ହୁଏ । କୁଇନାଇନ ସେବନ ଦ୍ୱାରା ଜ୍ୱର ଭୁଗିବେ ନାହିଁ ଏହି ଔଷଧ ଦ୍ୱାରା ... ଯକୃତ ଓ ପ୍ଲୀହା ବୃଦ୍ଧି ପକ୍ଷରେ ଏହି ଔଷଧ ଧନ୍ୱନ୍ତରୀ । ଏହି ଔଷଧର ... ଡାକ୍ତର ... ସାହାଯ୍ୟ ... । ମଫସଲର ... ପାଇଲେ ଭି: ପି: ଯୋଗେ ଔଷଧ ପଠାଯାଏ । ପ୍ରତ୍ୟେକ ଶିଶିର ମୂଲ୍ୟ ଏକଟଙ୍କା ମାତ୍ର, ... ମୂଲ୍ୟ ଟ ୧୦ ୲, ଡାକ ମାସୁଲ ସ୍ୱତନ୍ତ୍ର ।

ଷ୍ଟାର୍ ମେଡିକାଲ ହଲ
ଚାନ୍ଦିବଜାର—କଟକ

ନ ୫୩ ନମ୍ବର ଅଳଙ୍କାର ଭଣ୍ଡାର ତା ୩୦।୭।୨୭

MESSRS MADHAJEELAVJEE & Co.

ଏମାନଙ୍କ ... ।




ଅଳଙ୍କାର ଦୋକାନ CUTTACK ... ବଜାର, ତୋଫାନ

ଅପୂର୍ବ ! ଦେଖନ୍ତୁ !! ଶୁଣନ୍ତୁ !!! ଓ ... !!!!

ଉତ୍ତମ ସୁଯୋଗ । ... ସୁଲଭ ମୂଲ୍ୟ ।

ସୁନା ରୁପା, ... ଓ ... ଅଳଙ୍କାର ...

## ପ୍ରିୟ ଗ୍ରାହକବର୍ଗ

ନାମମାତ୍ର ମୂଲ୍ୟରେ ନକଲ ଗିଲ୍ଟି ସୁନାରେ ତିଆରି ଅଳଙ୍କାର ଯାହା କି କୌଣସି ଗୁଣରେ ଅସଲ ଗହଣାଠାରୁ ନିକୃଷ୍ଟ ନୁହେଁ ସେପରି ଅଳଙ୍କାର ମିଳୁଥିବାବେଳେ ଆପଣମାନେ କାହିଁକି ଅସଲ ସୁନାରେ ଅଳଙ୍କାର କିଣି ଟଙ୍କା ନଷ୍ଟ କରି ବସୁଛନ୍ତି, ଥରେ ମାତ୍ର ପରୀକ୍ଷା କରନ୍ତୁ

ଭଦ୍ର ମହିଳାମାନଙ୍କ ପାଇଁ ଚୁଡ଼ି




ଭିନ୍ନ ଭିନ୍ନ ନକସାର ଏ, ବି; ସି, ଚୁଡ଼ି ସୁନ୍ଦର ରୂପେ ପାଲିସ କରାଯାଇଅଛି । ୮ଟାର ଗୋଟିଏ ସେଟକୁ ଟ ୬୲

ଭଦ୍ର ମହିଳାମାନଙ୍କ ଝୁମକା



ସୁନ୍ଦରରୂପେ ... ଓ ପାଲିସ କରାଯାଇଅଛି । ବାଳିକାମାନଙ୍କ ପାଇଁ ଅତିସୁନ୍ଦର ମୂଲ୍ୟ ଏକଯୋଡ଼ା ଟ୧ ୳୵

ଭଦ୍ର ମହିଳାମାନଙ୍କ ପାଇଁ ମାଳ ... ହାର




ଏହି ହାରର ମଧ୍ୟଭାଗରେ ଗୋଟିଏ ଗୋଲାକୃତି ଲକେଟ ଅଛି । ଏହି ଲକେଟ ମଧ୍ୟରେ ନକଲ ମୁକ୍ତାର ... ଇତ୍ୟାଦି ... ଥାଏ ମୂଲ୍ୟ ଟ ୧।

୬ ସେଟ ... ଘଣ୍ଟା ... ଗୋଟିଏ ଗୋଲ୍ଡ ... ଷ୍ଟ୍ରାପ୍ ଓ ... ଦିଆଯିବ ।

ଭଦ୍ର ମହିଳାମାନଙ୍କ ପାଇଁ ପ୍ରେମ ପାର୍ଶ୍ୱ ମୁଦି



ଏହି ମନୋହର ମୁଦିରେ ... ଟ୧୪

୧୨ଟି ମୁଦି ଯେ କିଣିବେ ତାଙ୍କୁ ଗୋଟିଏ ... ଉପହାର ଦିଆଯିବ ।

ଭି: ପି: ରେ ଜିନିଷ ପଠାଯାଏ । ଡାକ ମାସୁଲ ସ୍ୱତନ୍ତ୍ର

ଠିକଣା—Inland Agency
4(U.D.Dep. 9) Shama Charan Dey
Street Calcutta.

ନ ୩୯୯ ନମ୍ବର ବି,

### ଚାଲିବଙ୍କ !

ଉତ୍ତମ ଓ ଶସ୍ତା, ପ୍ରତ୍ୟେକ ... ସୁନ୍ଦର ଛାପା ... କଳା, ... ପ୍ରତି ଗ୍ରୋସ ଟ ୧୧ ... ମଗାଇଲେ ବିଶେଷ ... କମିଶନ ଦିଆଯାଇଥାଏ ।

ଦକ୍ଷିଣ ... ଷ୍ଟୋର
... କଲିକତା

95 WANTED. 31-12-27.

A whole-time Professor of law for the Ravenshaw College Cuttack on Rs. 500-25-750 a month. The candidate must be a Barrister-at--law or a High Court Vakil of some standing who holds an honours degree in Law, preferably from a British—University. Applications should reach the undersigned on or before the 10th January, 1928.

P. O. Whitlock,
Principal,
Ravenshaw College, Cuttack.

ନ ୩୫୭ ନମ୍ବର

## ପ୍ରଜାସତ୍ୱ ଆଇନ

( ... ପାଲିତଙ୍କ କୃତ )

ମୂଲ୍ୟ ଟ ୨।୦ ସ୍ଥଳେ ଟ ୧।

ବର୍ତ୍ତମାନ ବନ୍ଦୋବସ୍ତ ଚାଲୁଥିବାରୁ ଜମିଦାର ପ୍ରଜାମାନଙ୍କର ସତ୍ୱାସତ୍ୱ ସମ୍ବନ୍ଧେ ବିଶେଷତଃ ବନ୍ଦୋବସ୍ତ କାର୍ଯ୍ୟକର୍ତ୍ତାରେ ଜାଣି ନିଜର ସ୍ୱାର୍ଥ ରଖିବା କାରଣ ଏହି ପୁସ୍ତକ ମଲ୍ୟ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ଟ ୨।୦ ସ୍ଥଳେ ଟ ୧। ରେ ଦିଆଯିବ । କେହି ଏକବେ ୧୦ ଖଣ୍ଡ କିଣିଲେ ଟ ୧।୦ ହିସାବରେ ଟ ୧୦।୦ ରେ ପାଇପାରିବେ । ବନ୍ଦୋବସ୍ତ ... ସମସ୍ତ ... ଏଥିର ... ସରଳ ଭାଷାରେ ବୁଝାଇ ଦିଆଯାଇଅଛି ।

ପ୍ରାପ୍ତିସ୍ଥାନ—

୧— ଶ୍ରୀ ... ପାଲିତ
... ମ୍ୟାନେଜର ଅଫିସ
ଗଣେଶଘାଟ—କଟକ ।

୨— କଟକ ପ୍ରେସ କମ୍ପାନୀ,
ଦରଘାବଜାର, କଟକ,

## ନୀଲାମ ଇସ୍ତାହାର

ନ ୩୪୩ ନମ୍ବର ତା ... ସନ ୧୯୨୭ ମସିହା

... କୋର୍ଟ କଟକ

The Secretary of State for India in Council Dtter.

ଶ୍ରୀ ... ଗୋପାଳ ... ଦେ: ଦାର

... ତା ୧୬-୧-୨୮ ରେ ନିଲାମହେବ

୪ । ... ମୂଲ୍ୟ ଟ ୧୬୧ ... ଟ ୨୦୦୧

୧୧ । ... ଟ ୧୧୩୬ ... ଟ ୪୫୦୧

ନ ୮୩୩ ନମ୍ବର ... ସନ ୧୯୨୭ ମସିହା

... ଡିକ୍ର
... ଦେଣ୍ଣ

... ତା ୧୬-୧-୨୮ ... ନିଲାମହେବ ।

... ଟ ୬୨୮୭ ... ଟ ୮୫୦

୨ ୫୭୯ ନମ୍ବର ... ସନ ୧୯୨୭ ମସିହା

... ଶ୍ରୀ ଜଗନ୍ନାଥ ଦାସ ... ଶ୍ରୀ ଗୋପାଳ ... ଭୁବନେଶ୍ୱର ... କଟକ ... ଦେ: ଦାର

... ଦେ: ଦାର

... ଟ ୭୦୦୬ ... ଦେଣଦାରଙ୍କର

Split by PDF Splitter

Digitized by srujanika@gmail.com

